


ଇଂରାଜୀ ନବବର୍ଷ ଅବସରରେ ବୁଧବାର ଅନୁଗୋଳ ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ଭକ୍ତମାନେ ଦର୍ଶନ କରୁଛନ୍ତି। ମନ୍ଦିର ଭିତରକୁ ଯିବାକୁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼। (ଫଟୋ-ବୁବୁ)

# ସାଇମନ୍ଦିର ବାର୍ଷିକ ଉତ୍ସବ

ବନ୍ତଳା,୧।୧(ସୁଶିତ ସାହୁ)



ସାଇ ମନ୍ଦିର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ଅନୁଗୋଳ ବ୍ଲକ ବଡ଼କେରା ପଞ୍ଚାୟତ ଗୁରଙ୍ଗ ଗ୍ରାମରେ ସାଇ ମନ୍ଦିରର ୬ଷ୍ଠ ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ପ୍ରାତଃ ସମୟରୁ ଗ୍ରାମବାସୀ କଳସ ଯାତ୍ରା ଓ ନାମ ସଂକୀର୍ତ୍ତନରେ ଗ୍ରାମ ପରିକ୍ରମା କରି ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ। ପରେ ହୋମଯଜ୍ଞର ଆୟୋଜନ କରାଯାଇଥିଲା। ପ୍ରସାଦ ସେବନ କାର୍ଯ୍ୟକ୍ରମରେ ଗ୍ରାମବାସୀ ଯୋଗ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ଦୀର୍ଘଦିନ ଧରି ଅସମ୍ପୂର୍ଣ୍ଣ ଥିବା ମନ୍ଦିରକୁ ସମ୍ପୂର୍ଣ୍ଣ କରିବା ପାଇଁ ଆବଶ୍ୟକ ଅର୍ଥ ଯୋଗାଇ ଦେବେ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ଭକ୍ତି ପ୍ରସାଦ ଦାସ, ସ୍ଥାନୀୟ ସରପଞ୍ଚ ହାଡ଼ିବନ୍ଧୁ ବେହେରା ପ୍ରମୁଖ ଯୋଗଦେଇ ସାଇବାବାଙ୍କ ଆଶିଷ ଲାଭ କରିଥିଲେ। ଗ୍ରାମର ବିଦେଶୀ ନାୟକ, କନ୍ଦର୍ପ ନାୟକ, କୃପାନିଧି ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଶିଶୁଙ୍କୁ ଭଲ ମଣିଷ ଭାବେ ଗଢ଼ି ତୋଳ

ପବିତ୍ରନଗର,୧।୧(ନିରୋଜ ପ୍ରଧାନ)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

କଣିହାଁ ବ୍ଲକ ରେଙ୍ଗାଳିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଯୋଗଦେଇ ଶିଶୁଙ୍କୁ ଭଲ ମଣିଷ ଭାବେ ଗଢ଼ି ତୋଳିବା ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ଛାତ୍ରୀଛାତ୍ରମାନେ ଦେଶ ମାତୃକାର ସେବାରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ସଭାପତି ଶତ୍ରୁଘ୍ନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବିଦ୍ୟାଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ହେମନ୍ତ କୁମାର ପାଣିଗ୍ରାହୀ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଯୁଗ୍ମ ସମ୍ପାଦିକା ସୁପ୍ରଭା ନଳିନୀ ମିଶ୍ର, ସମସ୍ତ ଗୁରୁମା, ଗୁରୁଜୀ, କର୍ମଚାରୀ ସହଯୋଗ କରିଥିଲେ।

# ୧୦ ଲକ୍ଷ ଟଙ୍କା ଜରିମାନା ଆଦାୟ

ତାଳଚେର,୧।୧ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ଥାନା ବଲ୍ଲର ଛକରେ ଗତ ୩୦ ତାରିଖରେ ଚଢ଼ାଉ କରି ପୋଲିସ ଓ ଖଣି ବିଭାଗ ପକ୍ଷରୁ ୪ଟି ଚୋରା ବାଲି ବୋଝେଇ ଗାଡ଼ିକୁ ଜବତ କରାଯାଇଛି। ଚଢ଼ାଉ ବେଳେ ଉକ୍ତ ଗାଡ଼ିଗୁଡ଼ିକର ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଚୋରା ବାଲି ବୋଝେଇ ଗାଡ଼ି ଚଳାଚଳ ସମ୍ପର୍କରେ ଖବରପାଇ ପୋଲିସ ଓ ଖଣି ବିଭାଗର ଟିମ୍ ବିଳମ୍ବିତ ରାତିରେ ଏହି ଚଢ଼ାଉ କରିଥିଲା। ଏଥିସହ ଜବତ ଗାଡ଼ିଗୁଡ଼ିକରୁ ୧୦ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଥିବା ସୂଚନା ମିଳିଛି।

# ପଣ୍ଡିତ ମହେଶଙ୍କୁ ଓଡ଼ିଶା ଆଇକନ୍ ଆୱାର୍ଡ

ବନ୍ତଳା,୧।୧ (ସୁଶିତ ସାହୁ)



ପଣ୍ଡିତ ମହେଶ ସାହୁଙ୍କୁ ସମ୍ମାନିତ କରାଯାଉଛି।

ଅନୁଗୋଳ ବ୍ଲକ ବନ୍ତଳା ଅଞ୍ଚଳର ପଣ୍ଡିତ ମହେଶ ସାହୁଙ୍କୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶା ଆଇକନ ଆୱାର୍ଡ ୨୦୨୪ରେ ସମ୍ମାନିତ କରାଯାଇଛି। ଏହି ସମ୍ମାନ ପାଇଁ ତାଙ୍କୁ ବନ୍ତଳା ତଥା ଅନୁଗୋଳର ବିଭିନ୍ନ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ତରଫରୁ ଶୁଭେଚ୍ଛା ଜଣାଯାଇଛି। ପୁରୀ ପୌର ସଦନ କକ୍ଷରେ ୱାର୍ଲ୍ଡ ଚାରିଟି ୱେଲଫେୟାର ଫାଉଣ୍ଡେଶନ ତରଫରୁ ଆୟୋଜିତ ଏକ ଉତ୍ସବରେ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ଏମ୍‌ପି ସମ୍ବିତ ପାତ୍ର, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତିଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ନିମନ୍ତ୍ରିତ ସାମାଜିକ କର୍ମୀମାନଙ୍କୁ ସମ୍ମାନିତ କରିଥିଲେ। ଏହି ସମ୍ମାନ ପାଇଁ ସାହୁ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

# ଦେଉଳଝରିରେ ଶ୍ରଦ୍ଧାଳୁଙ୍କ ଭିଡ଼

ଆଠମଲ୍ଲିକ,୧।୧(ଉଦୀପ୍ତ ପୁରୋହିତ)

ନୂତନ ବର୍ଷ ପାଳନ ଅବସରରେ ଆଠମଲ୍ଲିକର ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀ ମନ୍ଦିର ଓ ପ୍ରସିଦ୍ଧ ଶୈବପୀଠ ଦେଉଳଝରିରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଲାଗି ରହିଥିଲା। ବିଶେଷକରି ଦେଉଳଝରିରେ ପଶ୍ଚିମ ଓଡ଼ିଶା ତଥା ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ଆଗମନ ଯୋଗୁ ମନ୍ଦିର ପରିସରରେ ଗହଳି ପରିଲକ୍ଷିତ ହୋଇଥିଲା। ପୂଜକ ସଂଘ ସଭାପତି ଧାର୍ମିକ ପରିଛା, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦେହୁରୀଙ୍କ ସମେତ ସମସ୍ତ ପୂଜକ ଉପସ୍ଥିତ ରହି ଦର୍ଶନ ବ୍ୟବସ୍ଥାରେ ସହଯୋଗ କରିଥିଲେ।






























See Career Appointment on every Wednesday & Saturday

# ଟାଟା ଷ୍ଟିଲ୍ ୟାଟ୍‌ସ ବିଜେତା ଇସ୍ରୋ ପାଇଁ ମନୋନୀତ



ଛାତ୍ର ଅଂଶୁମାନ ନାଥ



ଛାତ୍ର ସୌମ୍ୟରଞ୍ଜନ ସାହୁ



ଛାତ୍ରୀ ପ୍ରୀତିକା ପ୍ରିୟଦର୍ଶିନୀ

■ଢେଙ୍କାନାଳର ଅଂଶୁମାନ, ଅନୁଗୋଳର ପ୍ରୀତିକା ପ୍ରିୟଦର୍ଶିନୀ ଓ ସୌମ୍ୟରଞ୍ଜନ

■୨୦୨୫ ମେ'ରେ ଇସ୍ରୋ ପରିଦର୍ଶନ କାର୍ଯ୍ୟକ୍ରମ

**ଢେଙ୍କାନାଳ,୧୧(ରତନ ନାୟାର)**

ଇସ୍ରୋ ପରିଦର୍ଶନରେ ଯିବେ ଢେଙ୍କାନାଳ ଜିଲା ବ୍ରାହ୍ମଣୀ ପବ୍ଲିକ ସ୍କୁଲର ୧୦ମ ଶ୍ରେଣୀ ଛାତ୍ର ଅଂଶୁମାନ ନାଥ । ଟାଟାଷ୍ଟିଲ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ( ଟାଟାଷ୍ଟିଲ ୟଙ୍ଗ୍ ଆଷ୍ଟ୍ରୋନୋମର ଟ୍ୟାଲେଣ୍ଟ ସର୍ଚ୍ଚ) ଗ୍ରାଣ୍ଡ ଫିନାଲେ ୨୦୨୪-୨୫ରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ସେ ଶ୍ରେଷ୍ଠ ୩୦ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି । ଅଂଶୁମାନ କୁହନ୍ତି, ୯ମ ଶ୍ରେଣୀରେ ପାଠ ପଢିବା ବେଳେ ଟାଟାଷ୍ଟିଲ ୟଙ୍ଗ୍ ଆଷ୍ଟ୍ରୋନୋମର ଟ୍ୟାଲେଣ୍ଟ ସର୍ଚ୍ଚ କାର୍ଯ୍ୟକ୍ରମ ସମ୍ପର୍କରେ ଜାଣିଥିଲି। ହେଲେ ଦଶମରେ ଏହି କାର୍ଯ୍ୟକ୍ରମରେ ଭାଗ ନେବାକୁ ସ୍କୁଲ ପକ୍ଷରୁ ମୋତେ ପ୍ରୋତ୍ସାହିତ କରାଯାଇଥିଲା । ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଠାରୁ ପୁରସ୍କୃତ ହେବା ସହ ଇସ୍ରୋ ପରିଦର୍ଶନ କରିବା ପାଇଁ ମନୋନୀତ ହୋଇଥିବାରୁ ମୋ ସ୍କୁଲ ଓ ଟାଟାଷ୍ଟିଲକୁ ଅଶେଷ ଧନ୍ୟବାଦ ଜଣାଉଛି । ସେହିପରି ଅନୁଗୋଳ ଜିଲାର ଡିଏଭି ପବ୍ଲିକ ସ୍କୁଲର ପ୍ରୀତିକା ପ୍ରିୟଦର୍ଶିନୀ ଓ ପଞ୍ଚୁଘର ବିଜୟ କୁମାର ହାଇସ୍କୁଲର ଛାତ୍ର ସୌମ୍ୟରଞ୍ଜନ ସାହୁ ଇସ୍ରୋ ପରିଦର୍ଶନ କରିବା ପାଇଁ ମନୋନୀତ ହୋଇଛନ୍ତି । ମହାକାଶ ବିଜ୍ଞାନ କ୍ଷେତ୍ରରେ ସ୍କୁଲ ପିଲାମାନଙ୍କ ପ୍ରତିଭାକୁ ଚିହ୍ନଟ କରିବା ସହ ନିଜର ସେମାନଙ୍କ ଜ୍ଞାନ ପରିପ୍ରକାଶ ପାଇଁ ଟାଟାଷ୍ଟିଲ ଆୟୋଜିତ କରୁଥିବା ୟାଟସ୍ କାର୍ଯ୍ୟକ୍ରମ ଅନେକ ଉପଯୋଗୀ ବୋଲି ପ୍ରୀତିକା ପ୍ରିୟଦର୍ଶିନୀ କହିଛନ୍ତି । ସେହିପରି ଟାଟାଷ୍ଟିଲ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଯୋଗେ ସ୍କୁଲସ୍ତରରୁ ହିଁ ପିଲାମାନେ ସ୍ପେସ୍ ସାଇନ୍ସ ବିଷୟରେ ଅଧିକ ଜାଣିବାର ସୁଯୋଗ ପାଇପାରୁଛନ୍ତି ବୋଲି ସୌମ୍ୟରଞ୍ଜନ କୁହନ୍ତି । ୨୦୨୫ ମେ' ମାସରେ ଟାଟାଷ୍ଟିଲ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣରେ ବିଜେତା ଛାତ୍ରୀଛାତ୍ରଙ୍କୁ ଇସ୍ରୋ ପରିଭ୍ରମଣ ପାଇଁ ନିଆଯିବ । ପଠାଣୀ ସାମନ୍ତ ପ୍ଲାନେଟିରିୟମ୍ ସହଯୋଗରେ ୯୮ତମ ଟାଟାଷ୍ଟିଲ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ ଗ୍ରାଣ୍ଡ ଫିନାଲେ ଭୁବନେଶ୍ୱରଠାରେ ଡିସେମ୍ବର ୧୩ ତାରିଖରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମରେ ସାମିଲ ହୋଇ ସବୁ ଜିଲାରୁ ଆସିଥିବା ଶ୍ରେଷ୍ଠ ପ୍ରତିଭାବାନ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ । ଏହି ଅବସରରେ ଢେଙ୍କାନାଳ ଓ ଅନୁଗୋଳ ଜିଲାର ୩ କୃତୀ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ ହୋଇଥିଲେ । ଏହି ଅବସରରେ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ବିଜ୍ଞାନ ଓ କାରୀଗର ବିଭାଗ ପ୍ରମୁଖ ସଚିବ ତଥା ପଠାଣି ସାମନ୍ତ ପ୍ଲାନେଟୋରିୟମ ଅଧ୍ୟକ୍ଷା ଚିତ୍ରା ଅରୁମୁଗମ, ଟାଟାଷ୍ଟିଲ କଳିଙ୍ଗ ନଗର ଉପସଭାପତି (ଅପରେସନ୍ସ) ରାଜୀବ କୁମାର ପ୍ରମୁଖ ଉପସ୍ଥିତ ଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଚଳିତବର୍ଷ ୧୮ତମ ଟାଟାଷ୍ଟିଲ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷମ କାର୍ଯ୍ୟକ୍ରମରେ ସାରା ରାଜ୍ୟରୁ ୭୧ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଏବେସୁଦ୍ଧା ଏହି କାର୍ଯ୍ୟକ୍ରମ ମଧ୍ୟମରେ ପ୍ରାୟ ରାଜ୍ୟର ପ୍ରାୟ ୪ଲକ୍ଷ ଛାତ୍ରୀଛାତ୍ର ସାମିଲ ହୋଇପାରିଛନ୍ତି । କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରାୟ ରାଜ୍ୟର ପ୍ରାୟ ୪ଲକ୍ଷ ଛାତ୍ରୀଛାତ୍ର ସାମିଲ ହୋଇପାରିଛନ୍ତି। ବିଗତ ବର୍ଷଗୁଡିକରେ ୨୦୦ରୁ ଅଧିକ ଛାତ୍ରୀଛାତ୍ର ଇସ୍ରୋ ପରିଦର୍ଶନ କରିବାର ସୁଯୋଗ ପାଇପାରିଛନ୍ତି ।

# ବେଆଇନ ପଥର ଖଣିରେ ଚଢ଼ାଉ ଘଟଣା, ୨୧ ଗିରଫ

**ଢେଙ୍କାନାଳ,୧୧(ରତନ ନାୟାର)**

ଢେଙ୍କାନାଳ ଜିଲା ଗଁଦିଆ ତହସିଲ ନିହଲପ୍ରସାଦ ଥାନା ଅଞ୍ଚଳରେ ଜିଲା ପ୍ରଶାସନ, ବନ ବିଭାଗ ଓ ପୋଲିସ ପକ୍ଷରୁ ସୋମବାର ରାତିରେ ବେଆଇନ ପଥର ଖଦାନରୁ ପଥର ଚୋରା ଚାଲାଣ କରାଯାଉଥିବା ବେଳେ ଅତର୍କିତ ଭାବେ ଚଢାଉ କରାଯାଇଥିଲା । ଏହି ଘଟଣାରେ ୨୧ଜଣଙ୍କୁ ଗିରଫ କରାଯାଇ ମଙ୍ଗଳବାର ରାତିରେ କୋର୍ଟ ଚାଲାଣ କରାଯାଇଛି । ୧୭ଟି ପଥର ବୋଝେଇ ଟ୍ରକ୍ ଜବତ କରାଯାଇଥିବା ବେଳେ ଗୋଟିଏ ଓଡି.୩୩-ଏଜେ-୫୮୭୦ନଂ ଥିବା ଗୋଟିଏ କାର, ଓଡି.୦୪-ଏମ୍-୮୦୫୦ନଂ ଗୋଟିଏ ବାଇକକୁ ପୋଲିସ ଜବତ କରିଛି। କେଉଁଝର, ମୟୁରଭଞ୍ଜ, ଢେଙ୍କାନାଳ, ଯାଜପୁର, କଟକ, ଖୋର୍ଦ୍ଧା, ଭଦ୍ରକ ଆଦି ଜିଲାର୨୧ଜଣଙ୍କୁ ଗିରଫ କରାଯାଇ ଗଁଦିଆ ଜେଏମ୍‌ଏଫ୍‌ସିଙ୍କ ଅଦାଲତରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହୋଇଯିବାରୁ ସେମାନଙ୍କୁ ଜିଲା ଜେଲ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି । ସେହିପରି ଗୁରୁବାର ଗିରଫ ଅଭିଯୁକ୍ତମାନଙ୍କର ଜାମିନ ଆବେଦନ ଉପରେ ଶୁଣାଣି ହେବ ବୋଲି ଜଣାପଡିଛି । ଏ ସଂକ୍ରାନ୍ତରେ ଏସ୍‌ପି ଅଭିନବ ସୋନକର କୁହନ୍ତି ଯେ, ବେଆଇନ ଖଣି ଉପରେ ଚଢାଉ ଘଟଣାରେ ନିହଲପ୍ରସାଦ ଥାନାରେ ଏକ ମାମଲା ରୁଜୁ କରାଯାଇ ୨୧ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି । ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର କୁହନ୍ତି ଯେ, ମିଳିତ ଭାବରେ ମାମଲା ରୁଜୁ ହୋଇଛି । ଜଙ୍ଗଲ ଆଇନ ଉଲ୍ଲଂଘନକୁ ନେଇ ମଧ୍ୟ ଦଫା ଲଗାଯାଇଛି। ଢେଙ୍କାନାଳ ଉପଜିଲାପାଳ ବିବୁଧ ଗଡନାୟକଙ୍କର ଅଭିଯୋଗ ଉପରେ ନିହଲପ୍ରସାଦ ଥାନାରେ କେସ୍ ନଂ-୨୫୦/୩୧.୧୨.୨୦୨୪, ଦଫା-୩୦୩(୨)/୬୧(୨)/୬୨/୩୨୩/୩ (୫ ବିଏନ୍‌ଏସ୍)ରେ ମାମଲା ରୁଜୁ କରାଯାଇଛି। କୌଣସି ସୂତ୍ରରୁ ଖବରପାଇ ଏକ ପିକନିକ୍ ପାର୍ଟି ବସରେ ୩୦ ତାରିଖ ବିଳମ୍ବିତ ରାତିରେ ଜିଲା ପ୍ରଶାସନ, ବନବିଭାଗ ଓ ପୋଲିସ ପକ୍ଷରୁ ଅତର୍କିତ ଚଢାଉ କରାଯାଇଥିଲା।

# ପୂଜ୍ୟପୂଜାଙ୍କୁ ମାଲ୍ୟାର୍ପଣ



**ଢେଙ୍କାନାଳ,୧୧(ରତନ ନାୟାର)**

ଢେଙ୍କାନାଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆମ ପ୍ରତିଭା ଆମ ସମ୍ମାନ' ପକ୍ଷରୁ ନୂତନ ବର୍ଷ ତଥା ଢେଙ୍କାନାଳ ଗଡଜାତ ଅଞ୍ଚଳ ସ୍ୱାଧୀନ ଭାରତ ବର୍ଷରେ ଆଜି ହିଁ ଦିନରେ ସାମିଲ୍ ହୋଇଥିବା ନେଇ ଅନୁଷ୍ଠାନ ପକ୍ଷରୁ ସ୍ୱାଧୀନତାକୁ ସ୍ୱାଭିମାନ ଦିବସ ଭାବେ ପାଳନ କରିବା ଅବସରରେ ଆଜି ଢେଙ୍କାନାଳ ବଳରାମ ମନ୍ଦିର ଠାରେ ପୂଜାର୍ଚ୍ଚନା ପରେ ସହର ମଧ୍ୟରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅନୁଷ୍ଠାନର ସଭାପତି ପ୍ରିୟରଞ୍ଜନ ମାହୁନ୍ତଙ୍କ ଅଧ୍ୟକ୍ଷତାରେ କରାଯାଇଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନ୍‌ଜୀବୀ ନବକିଶୋର ସାହୁ, ବରିଷ୍ଠ ଖବରଦାତା ସଦାଶିବ ମହାପାତ୍ର, ଆନ୍ତର୍ଜାତୀୟ କ୍ରୀଡା ଘୋଷକ ଡ. ଅମୀୟ ଚାନ୍ଦ, ଜିତେନ୍ଦ୍ର ପଟ୍ଟନାୟକ, ଶ୍ୟାମସୁନ୍ଦର ସାହୁ, ଦୁଷ୍ମନ୍ତ ମହାନ୍ତି ଓ ଶେଖର ସେଠୀ ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ ।

# ସଡ଼କ ସୁରକ୍ଷା ସଚେତନତା ରଥ ପରିକ୍ରମା ଶୁଭାରମ୍ଭ



ସଡକ ସୁରକ୍ଷା ସଚେତନତା ରଥ ପରିକ୍ରମା ଶୁଭାରମ୍ଭ ।

**ଢେଙ୍କାନାଳ,୧୧(ରତନ ନାୟାର)**

ଢେଙ୍କାନାଳ ଜିଲାରେ ବୁଧବାରଠାରୁ ଏକମାସ ବ୍ୟାପୀ ସଡ଼କ ସୁରକ୍ଷା ମାସ ପାଳିତ ହେଉଛି । ଏହି ଉପଲକ୍ଷେ ସକାଳ ୮ଟା ୪୫ମିନିଟରେ ଜିଲା କାର୍ଯ୍ୟାଳୟ ପରିସରରେ ସଡକ ସୁରକ୍ଷା, ପରିବାର ରକ୍ଷା ସମ୍ପର୍କିତ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଥିଲା । ଏସ୍‌ପି ଅଭିନବ ସୋନକର, ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠି, ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର, ମୋଟରଯାନ ନୀରିକ୍ଷକ ଦେବାଶିଷ ସ୍ୱାଇଁ, ରେସପନ୍ସ ଟିମ୍ ସଂଯୋଜକ ବିରଞ୍ଚି ନାରାୟଣ ପାଣି ପ୍ରମୁଖ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଜନସାଧାରଣ ସଚେତନ ହୋଇ ପଥ ସମୋହନଠାରୁ ଦୂରରେ ରହି ଗାଡିଚାଳନା ବେଳେ ସମ୍ପୂର୍ଣ୍ଣ ସଚେତନ ହୋଇ ଗାଡି ଚଳାଇବା ପାଇଁ ପରାମର୍ଶ ଦେଇଥିଲେ । ସଚେତନ ହୋଇ ଗାଡିଚାଳନା କରି ନିଜେ ସୁରକ୍ଷିତ ହୋଇ ପରିବାରକୁ ସୁରକ୍ଷିତ ରଖିବାକୁ ପରାମର୍ଶ ଦେଇଥିଲେ । ଟ୍ରାଫିକ ନିୟମ ମାନି ସମ୍ପୂର୍ଣ୍ଣ ସଚେତନ ହୋଇ ଗାଡି ଚଳାଇ ଦୁର୍ଘଟଣାରୁ ନିବୃତ ରହିବା ସହିତ ଜିଲାରେ ମୃତ୍ୟୁ ସଂଖ୍ୟାକୁ କମାଇବା ପାଇଁ ସମସ୍ତ ଜନସାଧାରଣଙ୍କୁ ଆଞ୍ଚଳିକ ପରିବହନ ଅଧିକାରୀ ନିବେଦନ କରିଥିଲେ । ଏହି ଚଳଚ୍ଚିତ୍ର ଧର୍ମୀ ସଚେତନତା ରଥ ଜିଲାର ସମସ୍ତ ପର୍ଯ୍ୟଟନସ୍ଥଳି ଓ ପ୍ରମୁଖ ଅଞ୍ଚଳ ବୁଲି ଜନ ସଚେତନତା ସୃଷ୍ଟି କରିବ ।

# ନବବର୍ଷରେ ରାଜବାଟୀରେ ଶାସ୍ତ୍ରୀୟ ନୃତ୍ୟ



କଳାକାରମାନଙ୍କ ଗହଣରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ କେ.ପି ସିଂହଦେଓ ।

**ଢେଙ୍କାନାଳ,୧୧(ରତନ ନାୟାର)**

ଢେଙ୍କାନାଳର ପ୍ରମୁଖ ସାଂସ୍କୃତିକ ଅନୁଷ୍ଠାନ ଦେବାଂଶୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ବୁଧବାର ନୂତନ ବର୍ଷ ଅବସରରେ ରାଜବାଟୀରେ ଶାସ୍ତ୍ରୀୟ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ମୁଖ୍ୟ ନୃତ୍ୟଗୁରୁ ଗୌରୀଶଙ୍କର ଦାଶଙ୍କ ନେତୃତ୍ୱରେ ଅନୁଷ୍ଠାନର କଳାକାରମାନେ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ କଳାକାରମାନଙ୍କ ଦ୍ୱାରା ଓଡିଶୀ, ମାହାରୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷିତ ହୋଇଥିଲା । ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରିଗେଡିୟର ରାଜା କାମାକ୍ଷା ପ୍ରସାଦ ସିଂହଦେଓ, ରାଣୀ ସାବିତ୍ରୀ ଦେବୀ, ଯୁବରାଜ ଅମରଜ୍ୟୋତି ସିଂହଦେଓ, ଯୁବରାଣୀ ମ୍ରିନାଲ କୁମାରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଏବଂ ବିଦେଶରୁ ଆସିଥିବା ବ୍ୟକ୍ତି ବିଶେଷ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ ।

# ଛୋଟ ଏକ ପ୍ରୟାସ ତରଫରୁ କମ୍ବଳ ବଣ୍ଟନ



**ରାସୋଳ,୧୧ (ସରୋଜ କୁମାର ମିଶ୍ର)**

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ଗିରିଧରପ୍ରାଦ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବ୍ରହ୍ମପୁର ଗ୍ରାମର ଜୁଆଙ୍ଗସାହିରେ ସ୍ୱେଚ୍ଛାସେବୀ ସଂଗଠନ ଛୋଟ ଏକ ପ୍ରୟାସ ପରିବାର ତରଫରୁ ନୂତନବର୍ଷକୁ ଭିନ୍ନ ଏକ ଢଙ୍ଗରେ ପାଳନ କରାଯିବା ସହ ୩୬ଟି ଅସହାୟ ପରିବାରଙ୍କୁ କମ୍ବଳ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ସଂଗଠନରେ ସହଭାଗିତା ଥିବା ଯୁବ ସାମାଜିକ କର୍ମୀ ବୃନ୍ଦାବନ ସେନାପତିଙ୍କ ଜନ୍ମଦିନ ଉପଲକ୍ଷେ ଛୋଟ ଏକ ପ୍ରୟାସ ପରିବାର ମିଳିତ ସହଯୋଗରେ ୩୬ଟି ନୂତନ ବସ୍ତ୍ର ବସ୍ତିବାସିନ୍ଦାଙ୍କୁ ପ୍ରଦାନ କରାଯିବା ସହ ସାହିରେ ଥିବା ସମସ୍ତ ଛୋଟ ପିଲାମାନଙ୍କ ସହ ମିଶି କେକ୍ କାଟି ନିଜର ଜନ୍ମଦିନ ପାଳନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଛୋଟ ଏକ ପ୍ରୟାସର ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ ।

# କାର୍ ସହ ମଦ ଜବତ, ଜଣେ ଗିରଫ

**ପରଜଙ୍ଗ,୧୧(ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ବଡକମର-ପାଙ୍ଗାତିରା ପୂର୍ତ୍ତ ବିଭାଗ ରାସ୍ତାରେ ମଙ୍ଗଳବାର ରାତିରେ ପରଜଙ୍ଗ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଆମ୍ବପଳାସ ଆଡୁ ଆସୁଥିବା ଏକ ଓଡି୩୫ଏଚ-୧୯୫୬ କାରରୁ ବହୁ ପରିମାଣର ଦେଶୀ ମହୁଲି ଜବତ କରାଯାଇଥିଲା। ଏଥିସହ ଗାଡ଼ି ଚଳାଉଥିବା ମଣ୍ଟୁ ସାହୁଙ୍କୁ ଗିରଫ କରାଯାଇଛି।

# ଧଳପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



**ଓଡ଼ାପଡ଼ା, ୧୧ (ରଞ୍ଜିତ ନାୟକ)**

ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ଧଳପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଅଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବିନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ହିନ୍ଦୋଳ ବିଧାୟିକା ସୀମାରାଣି ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବରେ ସନ୍ତୋଷ କୁମାର ପୃଷ୍ଟି, ସଂପାଦକ, ମଧ୍ୟସମ୍ଭାଗ ଶିକ୍ଷାବିକାଶ ସମିତି ଓଡିଶା ଓ ବିଦ୍ୟାଳୟର ସଂପାଦକ ସନ୍ତୋଷ କୁମାର ରାଉତ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଉମେଶ ଚନ୍ଦ୍ର ମିଶ୍ର ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ପ୍ରତିଷ୍ଠାତା ଘନଶ୍ୟାମ ସାମଲଙ୍କ ସହିତ ବିଦ୍ୟାଳୟ ଗଠନରେ ସହଯୋଗ କରିଥିବା ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ପ୍ରଧାନ ଆଚାର୍ଯ୍ୟ ଉମେଶ ଚନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପୋଖରୀ କଡ଼ରୁ ଯୁବକଙ୍କ ମୃତଦେହ ଜବତ

**ଢେଙ୍କାନାଳ,୧୧(ରତନ ନାୟାର)**

ଢେଙ୍କାନାଳ ଜିଲା ସଦର ଥାନା ଝାରଗାଡିଆ ଫାଣ୍ଡି ୫୫ନଂ ଜାତୀୟ ରାଜପଥର କଡ଼କୁ ଲାଗିଥିବା ଏକ ପୋଖରୀ ନିକଟରୁ ବୁଧବାର ଜଣେ ଯୁବକଙ୍କ ମୃତଦେହ ସନ୍ଦେହଜନକ ଭାବେ ଜବତ କରାଯାଇଛି। ଯୁବକଙ୍କର ବୟସ ଆନୁମାନିକ ପ୍ରାୟ ୩୦ବର୍ଷ ହେବ ବୋଲି ପୋଲିସ ସୂଚନାରୁ ଜଣାପଡିଛି । ସଦର ଥାନା ଓ ଝାରଗାଡିଆ ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଁଚି ମୃତଦେହକୁ ଜବତ କରିବା ସହ ଘଟଣାର ତଦନ୍ତ ଜାରି ରଖିଛନ୍ତି । ଯୁବକଙ୍କ ମୃତ୍ୟୁକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି ।

# ବାପ୍ଟିଷ୍ଟ ଚର୍ଚ୍ଚ ପକ୍ଷରୁ ନୂତନବର୍ଷ ପାଳନ



**ଢେଙ୍କାନାଳ,୧୧(ରତନ ନାୟାର)**

ଇଂରାଜୀ ନୂତନବର୍ଷ ଅବସରରେ ଢେଙ୍କାନାଳ ବାପ୍ଟିଷ୍ଟ ଚର୍ଚ୍ଚରେ ଅତି ଆଡ଼ମ୍ବର ସହିତ ନୂତନ ବର୍ଷ ପାଳନ ହୋଇଯାଇଛି। ଏହି ଉପାସନାରେ ଅନେକ ଭାଇଭଉଣୀମାନେ ଏକତ୍ରିତ ହୋଇ ପ୍ରଭୁ ଯୀଶୁଙ୍କର ପୂଜାର୍ଚ୍ଚନା କରିଥିଲେ । ଏହି ଉପାସନାରେ ବରଗଡରୁ ଆଚାର୍ଯ୍ୟ ମହିପାଲ ବାଗ୍ ପ୍ରଭୁ ଯୀଶୁଙ୍କର ଶୁଭବାଣୀ ପ୍ରଚାର କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମରେ ଚର୍ଚ୍ଚର କୋର୍ କମିଟିର ମୁଖ୍ୟ ପ୍ରେମାନନ୍ଦ ବିହାରୀ, ସୁଶାନ୍ତ କୁମାର ବେହେରା, କଳ୍ପନା ମହାନ୍ତି, ଅଭୟାନନ୍ଦ ବିହାରୀ ଓ ଅମରେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# କପିଳାସ ଓ ସପ୍ତଶଯ୍ୟାରେ ଜନ ସମାଗମ





**ଢେଙ୍କାନାଳ,୧୧(ରତନ ନାୟାର)**

ନୂତନ ବର୍ଷ ଅବସରରେ ବୁଧବାର ରାଜ୍ୟ ତଥା ଢେଙ୍କାନାଳର ପ୍ରସିଦ୍ଧ ଶୈବପୀଠ କପିଳାସ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ସପ୍ତଶଯ୍ୟାରେ ବ୍ୟାପକ ଜନ ସମାଗମ ହୋଇଥିଲା । କପିଳାସରେ ଢେଙ୍କାନାଳ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ସମାଗମ ହୋଇଥିଲା । ଦେବୋତ୍ତର ବିଭାଗ ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କ ସୂଚନା ଅନୁଯାୟୀ ୧ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ କପିଳାସ ପୀଠରେ ସମାଗମ ହୋଇଥିଲେ । ଶ୍ରଦ୍ଧାଳୁମାନେ ଲମ୍ବ ଧାଡ଼ିରେ ଛିଡାହୋଇ ମହାପ୍ରଭୁ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉ ମହାଦେବ ଓ ମାତା ପାର୍ବତୀଙ୍କୁ ଦର୍ଶନ କରିଥିଲେ । ସେହିପରି ସପ୍ତଶଯ୍ୟାରେ ବଣଭୋଜି ପାଇଁ ବ୍ୟାପକ ଜନ ସମାଗମ ହୋଇଥିଲା। ଢେଙ୍କାନାଳ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପର୍ଯ୍ୟଟକଙ୍କ ସମାଗମ ସପ୍ତଶଯ୍ୟାରେ ହୋଇଥିଲା । ନାଚ, ଗୀତରେ ସପ୍ତଶଯ୍ୟା ଦୁଲୁକିଥିଲା । ଶ୍ରଦ୍ଧାଳୁମାନେ ସପ୍ତଶଯ୍ୟାରେ ମନୋରମ ପରିବେଶକୁ ଉପଭୋଗ କରିବା ସହିତ ବଣଭୋଜି କରିଥିଲେ। ଆଇନଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା ।

# ବାଳିକାରେ ଶକ୍ତି ଜାହ୍ନବୀ ଓ ବାଳକରେ ରୁଦ୍ର ପ୍ରସାଦ

**ଇଟେକ୍ ଆବାସିକ କଲେଜର ବାର୍ଷିକ କ୍ରୀଡ଼ା**




ଇଟେକ୍ ଆବାସିକ କଲେଜର ବାର୍ଷିକ କ୍ରୀଡା

**ଢେଙ୍କାନାଳ,୧୧(ରତନ ନାୟାର)**

ଢେଙ୍କାନାଳ ସଦର ବ୍ଲକ ମଙ୍ଗଳପୁରଠାରେ ଥିବା ଇଟେକ୍ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୬ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ୧୦୦, ୨୦୦ ଏବଂ ୪୦୦ ମିଟର, ଦୌଡ଼, କବାଡ଼ି, ଖୋଖୋ, ଭଲିବଲ, ଡିସକସ, ସଟ୍‌ପୁଟ, ଦଉଡି ଡିଆଁ, ରଙ୍ଗୋଲି, ଡ୍ରଇଁ, ଗୀତ, ତର୍କ, ଇଂରାଜୀ ଓ ଓଡ଼ିଆ ରଚନା ଆଦି ପ୍ରତିଯୋଗିତା ହୋଇଥିଲା । ବାଳିକା ବିଭାଗର ଶକ୍ତି ଜାହ୍ନବୀ ଓ ବାଳକ ବିଭାଗରେ ରୁଦ୍ର ପ୍ରସାଦ ଚାମ୍ପିୟନ ହୋଇଛନ୍ତି । ଏହି ବାର୍ଷିକ କ୍ରୀଡ଼ାକୁ ବିଦ୍ୟାନିକେତନ ଚାରିଟେବୁଲ ଟ୍ରଷ୍ଟର ସଭାପତି ସୁପ୍ରଭା ଶତପଥୀ ଓ ଇଟେକ୍ କଲେଜର ଅଧ୍ୟକ୍ଷ ଡ. ସୁରେଶ ମିଶ୍ର ଉଦଘାଟନ କରି କ୍ରୀଡା ଶାରିରୀକ ସୁସ୍ଥତା ଓ ମାନସିକ ସୁସ୍ଥତା ଆଣିଥାଏ । ତେଣୁ ବିଦ୍ୟାର୍ଥୀମାନେ ଶିକ୍ଷା ସହିତ କ୍ରୀଡାକୁ ଜୀବନଶୈଳୀରେ ଆପଣାଇବା ଦରକାର ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇଟେକ୍ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସାରଦା ପ୍ରସାଦ ମହାନ୍ତି, ଇଟେକ୍ ଉପାଧ୍ୟକ୍ଷ ଅନିଲ କୁମାର ଗୋଛାୟତଙ୍କ ସମେତ ଅଧ୍ୟାପିକା ଅଧ୍ୟାପକମାନେ ଉପସ୍ଥିତ ଥିଲେ । ଢେଙ୍କାନାଳ ମା' ଦକ୍ଷିଣକାଳୀଙ୍କ ପୀଠରେ ପୂଜାର୍ଚ୍ଚନା କରି ପ୍ରତିଯୋଗୀଙ୍କ ଦ୍ୱାରା କ୍ରୀଡା ମଶାଲକୁ ଅଣାଯାଇ କ୍ରୀଡ଼ା ପ୍ରାଙ୍ଗଣରେ ସ୍ଥାପନା କରାଯାଇଥିଲା । ଏହାପରେ ବାଳିକା ଓ ବାଳକ ବିଭାଗର ବିଭିନ୍ନ ପ୍ରତିଯୋଗିତା ହୋଇଥିଲା । ଦୁଇଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାକୁ କ୍ରୀଡ଼ା ଶିକ୍ଷକ ଅନିଲ କୁମାର ନନ୍ଦ, ପ୍ରଦୀପ କୁମାର ଦଳେଇ, ଦୁଷ୍ମନ୍ତ ସେଠି ଓ ସରିତା ବିଶ୍ୱାଳ ଖେଳ ପରିଚାଳନା କରିଥିଲେ । ଏଥିରେ ଶ୍ୟାମସୁନ୍ଦର ଦେହୁରୀ, ସମୀର କୁମାର ହୋତା, ସୁବାସଚନ୍ଦ୍ର ଚନ୍ଦ୍ର ସାହୁ, ଆଦିତ୍ୟ ପ୍ରସାଦ ସାହୁ, ଚିତ୍ତରଞ୍ଜନ ସାହୁ, ସୁନିଲ କୁମାର ମିଶ୍ର, ମୃତ୍ୟୁଞ୍ଜୟ ପାଣି, ଲମ୍ବୋଦର ନାୟକ, ସୁନିଲ ଭୁଡିଆ, ପ୍ରିୟବ୍ରତ ସାହୁ, ବଳରାମ ବେହେରା, ମନୋଜ ପ୍ରଧାନ, ବିଜୟ ବେହେରା, ଜ୍ୟୋତିର୍ମୟୀ ସାହୁ, ମଧୁସ୍ମିତା ଜେଠୀ, ସନ୍ଧ୍ୟାରାଣୀ ମହାରଣା, ଅଭିପ୍‌ସା ବାରିକ, ସୀମା ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ଉଦଯପାନୀ ଦିବସରେ ଇଟେକ୍ ଅଧ୍ୟକ୍ଷ ଡ. ସୁରେଶ ମିଶ୍ର କ୍ରୀଡ଼ା ପତାକାକୁ ଅବତରଣ କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ବିଦ୍ୟାଳୟର ଆଗାମୀ ବର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି ।

